# ଅବହେଳିତ ସମାଜ ଏବଂ ଓଡ଼ିଆ ସାହିତ୍ୟ’ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ

# କେନ୍ଦ୍ର ସାହିତ୍ୟ ଏକାଦେମୀ ଓ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ମିଳିତ ଆନୁକୂଲ୍ୟରେ ଏକଦିବସୀୟ କାର୍ଯ୍ୟକ୍ରମ



ବାଲେଶ୍ୱର ,୨୮/୨(କୃଷ୍ଣ କୁମାର ମହାନ୍ତି) କେନ୍ଦ୍ର ସାହିତ୍ୟ ଏକାଡେମି ଓ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲାର ମିଳିତ ଆନୁକୂଲ୍ୟରେ ଏକଦିବସୀୟ ସାହିତ୍ୟ ଆଲୋଚନା ଚକ୍ର ମହାବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି।

'ଅବହେଳିତ ସମାଜ ଏବଂ ଓଡ଼ିଆ ସାହିତ୍ୟ' ଶୀର୍ଷକ ଏହି ଆଲୋଚନା ଚକ୍ରର ଉଦଘାଟନୀ ସଭାରେ ସମ୍ମାନୀୟ ଭାବେ ସାହିତ୍ୟ ଏକାଡେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡକ୍ଟର ଗୌରହରି ଦାସ ଯୋଗଦେଇ ଓଡ଼ିଆ ସାହିତ୍ୟରେ ଅବହେଳିତମାନଙ୍କ ସମ୍ପର୍କରେ ହୋଇଥିବା ବିଭିନ୍ନ ଲେଖା ସମ୍ପର୍କରେ ଉଦାହରଣ ଦେଇଥିଲେ। ରାଉରକେଲା ଭଳି ଏକ ଉପାନ୍ତ ସହରରେ ସାହିତ୍ୟ ଏକାଡେମି ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଆ ସାହିତ୍ୟର ପ୍ରଚାର ଓ ପ୍ରସାର ସମ୍ପର୍କରେ ଶ୍ରୀ ଦାସ ଦୃଷ୍ଟି ଦେଇଥିଲେ। ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣ ଓ ଭୀମ ଭୋଇଙ୍କ ସ୍ତୁତି ଚିନ୍ତାମଣି ସମ୍ପର୍କରେ ଉଦାହରଣ ଦେଇ ଓଡ଼ିଆ ସାହିତ୍ୟରେ ଅବହେଳିତ ସମାଜ ସମ୍ପର୍କରେ ଅବତାରଣା କରି ସମ୍ପର୍କରେ ଡକ୍ଟର ଦାସ କହିଥିଲେ।

ପ୍ରାରମ୍ଭରେ ସାହିତ୍ୟ ଏକାଡେମୀ, କୋଲକାତା ଆଞ୍ଚଳିକ କାର୍ଯ୍ୟାଳୟର ସହକାରୀ ସମ୍ପାଦକ କ୍ଷେତ୍ରବାସୀ ନାଏକ ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ରଜନୀ କିସାନଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ ବିକାଶ କୁମାର ବେହେରା ବଳରାମ ଦାସଙ୍କ ଶ୍ରୀଲକ୍ଷ୍ମୀ ଉପାଖ୍ୟାନ ଓ ଜଗନ୍ନାଥ ସଂସ୍କୃତିର ଉଦାହରଣ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଆଲୋଚ୍ୟ ବିଷୟ ସମ୍ପର୍କରେ ବିଶିଷ୍ଟ ଗବେଷକ ତଥା ଶିକ୍ଷାବିତ ପ୍ରଫେସର ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଅବହେଳିତମାନଙ୍କ ସମସ୍ୟା ସମ୍ପର୍କରେ ସାହିତ୍ୟିକମାନଙ୍କ ସମେତ ସମାଜଶାସ୍ତ୍ରୀମାନେ ଆଲୋଚନା କରିବା ପାଇଁ ଆହ୍ୱାନ ଦେଇଥିଲେ। ସାମାଜିକ ଚିତ୍ରରୁ ସାମାଜିକ ଚେତନା ଆଡ଼କୁ ଯିବା ଏବଂ ସମାଜ ବିକାଶରେ ସାହିତ୍ୟିକମାନଙ୍କର ଗୁରୁ ଦାୟିତ୍ୱ ସମ୍ପର୍କରେ ପ୍ରଫେସର ପଟ୍ଟନାୟକ ଆଲୋଚନା କରିଥିଲେ। ଉଦ୍‌ଘାଟନୀ ସଭାର ଶେଷରେ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ ସୁଷମା ମୋଦି ଧନ୍ୟବାଦ ଦେଇଥିଲେ।

ଏହାପରେ ଅନୁଷ୍ଠିତ ପ୍ରଥମ ଆଲୋଚନା ସମାବେଶରେ ବିଶିଷ୍ଟ କବି ପିତାମ୍ବର ତରାଇ ଓଡ଼ିଆ କବିତାରେ ଦଳିତ ସାହିତ୍ୟ ସମ୍ପର୍କରେ ଆଲୋଚନା କରି କବିତାରେ ମଣିଷ ହେଉ ଈଶ୍ୱର ବନ୍ଦନା କରିବା ଏକ କାବ୍ୟ କୌଶଳ ବୋଲି କହିଥିଲେ। ନିଜର ଅନୁଭୂତି ସହିତ ସ୍ଥାନ ଓ କାଳ ଭିତିରେ ଅବହେଳିତ ବର୍ଗର ପରିବର୍ତ୍ତନ ସମ୍ପର୍କରେ ଶ୍ରୀ ତରାଇ ବିଶେଷ ଆଲୋଚନା କରିଥିଲେ। ରାଉରକେଲା କଲେଜର ଅଧ୍ୟାପକ କରୁଣାକର ପାଣିଗ୍ରାହୀ ଅନ୍ୟତମ ଆଲୋଚକ ଭାବେ ଯୋଗଦେଇ ପ୍ରାଚୀନ ଯୁଗର ବର୍ଣ୍ଣ ଓ ଜାତିବାଦ ସମ୍ପର୍କରେ ଆଲୋଚନା କରିବା ସହ ଚର୍ଯ୍ୟାପଦରୁ ନେଇ ଆଧୁନିକ ଓଡ଼ିଆ ସାହିତ୍ୟରେ ଦଳିତ ଚେତନା ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପିକା ସୁଷମା ମୋଦି ଓଡ଼ିଆ ଉପନ୍ୟାସ ସାହିତ୍ୟରେ ଦଳିତ ଚେତନା ସମ୍ପର୍କରେ କହିଥିଲେ।

ଏହି ଅଧିବେଶନରେ ସମ୍ମାନୀୟ ଭାବେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ବାସୁଦେବ ସୁନାନୀ ଯୋଗଦେଇ ଆମ ସମାଜରେ ଦଳିତମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ସମ୍ପର୍କରେ ଦେଖିବା ନିମନ୍ତେ ହୃଦୟର ଆବଶ୍ୟକତା ରହିଛି, ଯାହା ସାହିତ୍ୟିକ ନିକଟରେ ଥାଏ ବୋଲି କହିଥିଲେ। ସାମାଜିକ ପ୍ରାଣୀଭାବେ ସମସ୍ତଙ୍କର ବଞ୍ଚିବାର ଅଧିକାର ରହିଛି, ତେଣୁ କରୁଣା ଥିବା ବ୍ୟକ୍ତି ହିଁ ମଣିଷ ପଦବାଚ୍ୟ ବୋଲି ଶ୍ରୀ ସୁନାନୀ କହିଥିଲେ।

ଦ୍ୱିତୀୟ ଅଧିବେଶନରେ ସାହିତ୍ୟିକ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଗୋପିନାଥ ବାଗ୍‌ଙ୍କ ଅଧ୍ୟକ୍ଷତାରେ ହୋଇଥିବା ସମାବେଶରେ ଆଲୋଚକ ଭାବେ ଡ ସଞ୍ଜୟ ବାଗ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ ରଞ୍ଜନ ହୋତା, ସ୍ୱୟଂଶାସିତ ମହାବିଦ୍ୟାଳୟର ରଜନୀ କିସାନ ଏବଂ ଡ ସ୍ମୃତିପ୍ରଜ୍ଞା ମହାନ୍ତି ପ୍ରମୁଖ ଅବହେଳିତ ସମାଜ ଓ ଓଡ଼ିଆ ସାହିତ୍ୟର ଭିନ୍ନ ଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଶେଷ ପର୍ଯ୍ୟାୟରେ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଛାତ୍ରଛାତ୍ରୀମାନେ କବିତା ପାଠ କରିଥିଲେ। ଏହି ଅବସରରେ ସହରର ବହୁ ବୁଦ୍ଧିଜୀବୀ, ସାହିତ୍ୟ ପ୍ରେମୀ ଉପସ୍ଥିତ ଥିଲେ।